## ବିଭାଗ - A (ଜୀବ ବିଜ୍ଞାନ : ଉଦ୍ଭିଦ ବିଜ୍ଞାନ)

101. ନିମ୍ନଲିଖିତ ମଧ୍ୟରୁ କେଉଁ ଉକ୍ତିଟି **ଭୁଲ୍** ଅଟେ ?

(1) ନ୍ୟଷ୍ଟି ଓ କୋଷଜୀବକ ମଧ୍ୟକୁ ଉଭୟ ଦିଗରେ ପ୍ରୋଟିନ୍ ଓ ଆର.ଏନ୍.ଏ ଅଣୁଗୁଡ଼ିକ ଗତିକରିବା ପାଇଁ ନ୍ୟଷ୍ଟୀୟ ଗର୍ତ୍ତଗୁଡ଼ିକ ରାସ୍ତା ପରି କାର୍ଯ୍ୟ କରନ୍ତି ।

(2) ପୂର୍ଣ୍ଣ ବିକଶିତ ସିଭ୍ ଟ୍ୟୁବ୍‌ର ଉପାଦାନ ଗୁଡ଼ିକ ଏକ ସ୍ୱଷ୍ଟ ନ୍ୟଷ୍ଟି ଓ ସାଧାରଣ ଭାବରେ ଥିବା କୋଷଜୀବକର ଅଙ୍ଗଗୁଡ଼ିକ ଧାରଣ କରିଥାଆନ୍ତି ।

(3) ଉଭୟ ଉଦ୍ଭିଦ ଓ ପ୍ରାଣୀ କୋଷଗୁଡ଼ିକରେ ସୂକ୍ଷ୍ମଶରୀରୀ ଗୁଡ଼ିକ ଉପସ୍ଥିତ ଥାଆନ୍ତି ।

(4) ପରିନ୍ୟଷ୍ଟୀୟ ସ୍ଥାନଟି ନ୍ୟଷ୍ଟି ଓ କୋଷଜୀବକ ଭିତରେ ଉପସ୍ଥିତ ଥିବା ପଦାର୍ଥ ମଧ୍ୟରେ ବାଧକ ସୃଷ୍ଟି କରେ ।

102. ଗୋଟିଏ କ୍ଷେତ୍ରରେ ବଣୁଆ ଘାସଗୁଡ଼ିକୁ ନଷ୍ଟ କରିବାକୁ ଯେଉଁ ଉଦ୍ଭିଦ ହରମୋନ ବ୍ୟବହୃତ ହୁଏ ତାହା :

(1) ଆଇବିଏ

(2) ଆଇଏଏ

(3) ଏନ୍ଏଏ

(4) 2, 4-ଡି

103. ତାଲିକା - I କୁ ତାଲିକା - II ସହିତ ମିଳାଅ ।

| ତାଲିକା - I | | ତାଲିକା - II | |
|---|---|---|---|
| (a) | କ୍ରିଷ୍ଟି | (i) | ଗୁଣସୂତ୍ରରେ ଥିବା ପ୍ରାଥମିକ ଅତି ପତଳା ଅଂଶସୂଚକ (କନଷ୍ଟ୍ରିକ୍ସନ୍) |
| (b) | ଥାଇଲାକଏଡ୍ | (ii) | ଗଲଜି ଆପାରଟସ୍‌ରେ ଥିବା ଚଟକା ଆକୃତିର ଥଳି |
| (c) | ଗୁଣସୂତ୍ର କେନ୍ଦ୍ର | (iii) | ମାଇଟୋକଣ୍ଡ୍ରିୟାରେ ଭିତର ଆଡ଼କୁ କୁଞ୍ଚିତ ହୋଇଥିବା ଅଂଶ |
| (d) | ସିଷ୍ଟରନି | (iv) | ଲବକର ଷ୍ଟ୍ରୋମାରେ ଥିବା ସମତଳ ଝିଲ୍ଲୀମୟ ଥଳି |

ନିମ୍ନରେ ଦିଆଯାଇଥିବା ବିକଳ୍ପଗୁଡ଼ିକରୁ **ସଠିକ୍** ଉତ୍ତରଟିକୁ ବାଛ :

| | (a) | (b) | (c) | (d) |
|---|---|---|---|---|
| (1) | (ii) | (iii) | (iv) | (i) |
| (2) | (iv) | (iii) | (ii) | (i) |
| (3) | (i) | (iv) | (iii) | (ii) |
| (4) | (iii) | (iv) | (i) | (ii) |

104. ନିମ୍ନଲିଖିତ ମଧ୍ୟରୁ କେଉଁଟି ଉଦ୍ଭିଦରେ ଥିବା ଦ୍ୱିତୀୟକ ଶରୀର ବୃଦ୍ଧିକାରକ (ମେଟାବୋଲାଇଟିସ୍) **ନୁହେଁ** ?

(1) ରବର, ଅଠା

(2) ମରଫିନ୍, କୋଡାଇନ୍

(3) ଆମିନୋ ଅମ୍ଳ, ଗ୍ଲୁକୋଜ୍

(4) ଭିନ୍‌ବ୍ଲାଷ୍ଟିନ୍, କୁର୍‌କୁମିନ୍

105. ପ୍ରକୃତିରେ ଅନ୍ତଃଜାତିକ ପ୍ରତିଯୋଗିତା ସତ୍ତ୍ୱେ କେଉଁ କ୍ରିୟା ବିଧିଟି ପ୍ରତିଯୋଗୀ ଜାତିଗୁଡ଼ିକୁ ସେମାନଙ୍କର ବଞ୍ଚିବା ପାଇଁ ଉପଯୋଗ କରିଥାଇ ପାରନ୍ତି ?

(1) ପରଭୋଜିତା

(2) ସଂପଦ ବିଭାଜନ

(3) ପ୍ରତିଯୋଗିତାମୂଳକ ନିଶୃତ

(4) ପାରସ୍ପର୍ଯ୍ୟବାଦ

106. ପରିବେଶ କିମ୍ବା ଜୀବନର ଅବସ୍ଥାଗୁଡ଼ିକ ଆଧାରରେ ବିଭିନ୍ନ ପ୍ରକାର ସଂରଚନା ଗଠନ ପାଇଁ ଉଦ୍ଭିଦ ବିଭିନ୍ନ ପ୍ରକାରର ପଥକ୍ରମ ଅନୁସରଣ କରେ । ଏହି କ୍ଷମତାକୁ କୁହାଯାଏ :

(1) ପୂର୍ଣ୍ଣବିକଶିତତା

(2) ସ୍ଥିତିସ୍ଥାପକତା

(3) ପରିବର୍ତ୍ତନଶୀଳତା

(4) ପ୍ଲାଷ୍ଟିସିଟି (ପ୍ଲାଷ୍ଟିକୀକରଣ)

107. ନିମ୍ନଲିଖିତ ମଧ୍ୟରୁ କେଉଁ ଶୈବାଳଟି ମାନିଟଲ୍‌କୁ ତାର ସଂଚିତ ଖାଦ୍ୟ ପଦାର୍ଥ ରୂପେ ଧରି ରଖିଥାଏ ?

(1) *ଇଉଲୋଥ୍ରିକ୍ସ*

(2) *ଏକ୍ଟୋକାରପସ୍*

(3) *ଗ୍ରାସିଲେରିଆ*

(4) *ଭଲଭକ୍ସ*

108. *ସିଲାଜିନେଲା* ଏବଂ *ସାଲ୍‌ଭିନିଆ* ସଦୃଶ ପ୍ରଜାତିଗୁଡ଼ିକ ଦୁଇପ୍ରକାରର ରେଣୁ ଉତ୍ପନ୍ନ କରନ୍ତି । ସେହି ଉଦ୍ଭିଦମାନଙ୍କୁ କୁହାଯାଏ :

(1) ଅସମରେଣୁଯୁକ୍ତ

(2) ସମସୋରୋସ୍

(3) ଅସମସୋରୋସ୍

(4) ସମରେଣୁଯୁକ୍ତ

109. ନିମ୍ନଲିଖିତ ମଧ୍ୟରୁ କେଉଁ ଉକ୍ତିଟି **ସଠିକ୍ ନୁହେଁ** ?

(1) ଘାସଭୂମି ପରସଂସ୍ଥାରେ ସଂଖ୍ୟାର ପିରାମିଡ୍‌ଟି ସଳଖ ହୋଇଥାଏ ।

(2) ସମୁଦ୍ରରେ ଜୈବ ବସ୍ତୁତ୍ୱର ପିରାମିଡ୍ ସାଧାରଣତଃ ଅଧୋଶିଖ ହୋଇଥାଏ ।

(3) ସମୁଦ୍ରରେ ଜୈବ ବସ୍ତୁତ୍ୱର ପିରାମିଡ୍ ସାଧାରଣତଃ ସଳଖ ହୋଇଥାଏ ।

(4) ଶକ୍ତିର ପିରାମିଡ୍ ସର୍ବଦା ସଳଖ ହୋଇଥାଏ ।

110. ପୂର୍ଣ୍ଣ ବିକଶିତ ସମୟରେ ଗୋଟିଏ ପ୍ରକାରଗତ ଉଦାହରଣ ସଦୃଶ (ଟପିକାଲ୍) ଆବୃତବିଜୀଟି ହେଉଛି :

(1) ୮-ନ୍ୟଷ୍ଟି ବିଶିଷ୍ଟ ଏବଂ ୮-କୋଷ ବିଶିଷ୍ଟ

(2) ୮-ନ୍ୟଷ୍ଟି ବିଶିଷ୍ଟ ଏବଂ 7-କୋଷ ବିଶିଷ୍ଟ

(3) 7-ନ୍ୟଷ୍ଟି ବିଶିଷ୍ଟ ଏବଂ ୮-କୋଷ ବିଶିଷ୍ଟ

(4) 7-ନ୍ୟଷ୍ଟି ବିଶିଷ୍ଟ ଏବଂ 7-କୋଷ ବିଶିଷ୍ଟ

collegedunia.com
India's largest Student Review Platform

**111.** ତାଲିକା - I କୁ ତାଲିକା - II ସହିତ ମିଳାଅ ।

| ତାଲିକା - I | | ତାଲିକା - II | |
|---|---|---|---|
| (a) | ଆବିଜୀବକ ସମ୍ବନ୍ଧୀୟ ଏକୀକରଣ | (i) | ପୂର୍ଣ୍ଣବିଭବୀ କୋଷ |
| (b) | ଉଦ୍ଭିଦ ଟିସୁ ପୋଷଣ | (ii) | ପୋମାଟୋ |
| (c) | ମେରିଷ୍ଟେମ୍ ପୋଷଣ | (iii) | ସୋମାକ୍ଲୋନସ୍ |
| (d) | ସୂକ୍ଷ୍ମ ବିସ୍ତାର | (iv) | ଭୂତାଣୁବିହିନ ଉଦ୍ଭିଦ |

ନିମ୍ନରେ ଦିଆଯାଇଥିବା ବିକଳ୍ପଗୁଡ଼ିକରୁ **ସଠିକ୍‌ଟିକୁ** ଚିହ୍ନାଅ :

| | (a) | (b) | (c) | (d) |
|---|---|---|---|---|
| (1) | (iv) | (iii) | (ii) | (i) |
| (2) | (iii) | (iv) | (ii) | (i) |
| (3) | (ii) | (i) | (iv) | (iii) |
| (4) | (iii) | (iv) | (i) | (ii) |

**112.** ଯେତେବେଳେ ଗୁଣସୂତ୍ର କେନ୍ଦ୍ରଟି ଗୁଣସୂତ୍ରର ଦୁଇଟି ସମାନ ବାହୁ ମଧ୍ୟରେ ରହିଥାଏ, ସେହି ଗୁଣସୂତ୍ରଟି କେଉଁ ପରି ସୂଚାଏ ?

(1) ଆକ୍ରୋସେଣ୍ଟ୍ରିକ୍

(2) ମେଟାସେଣ୍ଟ୍ରିକ୍

(3) ଟେଲୋସେଣ୍ଟ୍ରିକ୍

(4) ସବ୍-ମେଟାସେଣ୍ଟ୍ରିକ୍

**113.** ସରଗମ୍‌ରେ ଅଙ୍ଗାରକାମ୍ଳ ବିବନ୍ଧନର ପ୍ରାଥମିକ ସ୍ଥିର ଉପାଦାନଟି ହେଉଛି :

(1) ଫସଫୋଗ୍ଲିସେରିକ୍ ଏସିଡ୍

(2) ପାଇରୁଭିକ୍ ଏସିଡ୍

(3) ଅକଜାଲୋଏସେଟିକ୍ ଏସିଡ୍

(4) ସକ୍‌ସିନିକ୍ ଏସିଡ୍

**114.** ଉଦ୍ଭିଦ କୋଷରେ ନବୋଦ୍‌ଭବନ କାହାଦ୍ୱାରା ପ୍ରରୋଚିତ ହୋଇପାରେ :

(1) ଜିଆଟିନ୍

(2) କାଇନେଟିନ୍

(3) ଅବଲୋହିତ ରଶ୍ମି

(4) ଗାମା ରଶ୍ମି

**115.** ଯେତେବେଳେ ଜିନ୍ ସମ୍ପ୍ରସାରଣରେ ଟାରଗେଟିଂ ଜିନ୍ ସମ୍ପୃକ୍ତ ଥାଇ ଏକ ନିର୍ଦ୍ଦିଷ୍ଟ ଟିସୁରେ ରୋଗର ଚିକିତ୍ସା କରିବାକୁ ଚେଷ୍ଟା କରିଥାଏ, ତାହାକୁ କୁହାଯାଏ :

(1) ସୁରକ୍ଷିତ ପରୀକ୍ଷା

(2) ବାଇଓପାଇରେସି

(3) ଜିନ୍ ଥେରାପି

(4) ଆଣବିକ ନିର୍ଣ୍ଣୟ

**116.** ଆଲୋକବର୍ଦ୍ଧିତା ସମୟରେ ଆଲୋକର ଉପଲବ୍‌ଧିକରଣ ହେଉଥିବା ଅଂଶଟି :

(1) ପତ୍ର

(2) କାଣ୍ଡର ଅଗ୍ରଭାଗ

(3) କାଣ୍ଡ

(4) ପାର୍ଶ୍ୱୀୟ କଳିକା

**117.** ନିମ୍ନଲିଖିତ ମଧ୍ୟରୁ କେଉଁ ଉଦ୍ଭିଦଟି ଏକବାସୀ ଅଟେ ?

(1) *ସାଇକାସ୍ ସରସିନାଲିସ୍*

(2) *କ୍ୟାରିକା ପପେୟା*

(3) କାରା

(4) *ମାରକାନ୍‌ସିଆ ପଲିମରଫା*

**118.** କେଉଁ କାରକଟି ଜନସଂଖ୍ୟାରେ ଏକ ପ୍ରତିଷ୍ଠାତା ଫଳାଫଳକୁ ପ୍ରଦର୍ଶିତ କରେ ?

(1) ଆନୁବଂଶୀୟ ଡ୍ରିଫ୍ଟ

(2) ପ୍ରାକୃତିକ ଚୟନ

(3) ଆନୁବଂଶୀୟ ପୁନଃବିନ୍ୟାସ

(4) ନବୋଦ୍‌ଭବନ

**119.** ଦ୍ୱି-କୁର୍ଚ୍ଚୀ (ଡାଇଆଡେଲ୍‌ଫସ୍) କେଶର କେଉଁଟିରେ ଦେଖାଯାଏ ?

(1) ମନ୍ଦାର ଏବଂ ଲେମ୍ବୁ

(2) ମନ୍ଦାର

(3) ଲେମ୍ବୁ

(4) ମଟର

**120.** ନିମ୍ନଲିଖିତ ମଧ୍ୟରୁ ପିସିଆର୍ (ପଲିମରେଜ୍ ଚେନ୍ ରିଆକସନ୍) ରେ କେଉଁ ଅନୁକ୍ରମର ସୋପନଟି **ସଠିକ୍** ଅଟେ ?

(1) ଆନେଲିଂ, ଡିନ୍ୟାଚୁରେସନ୍, ଏକ୍ସଟେନ୍‌ସନ୍

(2) ଡିନ୍ୟାଚୁରେସନ୍, ଆନେଲିଂ, ଏକ୍ସଟେନ୍‌ସନ୍

(3) ଡିନ୍ୟାଚୁରେସନ୍, ଏକ୍ସଟେନ୍‌ସନ୍, ଆନେଲିଂ

(4) ଏକ୍ସଟେନ୍‌ସନ୍, ଡିନ୍ୟାଚୁରେସନ୍, ଆନେଲିଂ

**121.** ନିମ୍ନଲିଖିତ ମଧ୍ୟରୁ ଅର୍ଦ୍ଧବିଭାଜନର କେଉଁ ଅବସ୍ଥାଟି ଗୁଣସୂତ୍ର କେନ୍ଦ୍ରର ବିଭାଜନ ସହିତ ସଂଶ୍ଳିଷ୍ଟ ?

(1) ଅନ୍ତିମାବସ୍ଥା- II

(2) ମଧ୍ୟାବସ୍ଥା- I

(3) ମଧ୍ୟାବସ୍ଥା- II

(4) ଉତ୍ତରାବସ୍ଥା-II

**122.** ନିମ୍ନଲିଖିତ ମଧ୍ୟରୁ କେଉଁଟି ପିସିଆର (ପଲିମରେଜ୍ ଚେନ୍ ରିଆକ୍‌ସନ୍) ପ୍ରୟୋଗ ସମ୍ବନ୍ଧୀୟ **ନୁହେଁ** ?

(1) ଜିନ୍ ନବୋଦ୍‌ଭାବନର ଅନ୍ୱେଷଣ

(2) ଆଣବିକ ନିର୍ଣ୍ଣୟ

(3) ଜିନ୍ ସମ୍ପ୍ରସାରଣ

(4) ପୃଥକୀକରଣ ପ୍ରୋଟିନ୍‌ର ବିଶୋଧନ

**123.** କେନ୍ଦ୍ରିୟ ମୌଳିକ ସିଦ୍ଧାନ୍ତ (ସେଣ୍ଟ୍ରାଲ୍ ଡଗମା) ସମ୍ବନ୍ଧୀୟ ଫ୍ଲୋ ଚାର୍ଟ (ରେଖାଚିତ୍ର) କୁ ଶେଷ କର ।

$$(a)\circlearrowleft \text{DNA} \xrightarrow{(b)} \text{mRNA} \xrightarrow{(c)} (d)$$

(1) (a)-ଟ୍ରାନସଡକସନ୍; (b)-ଅନୁବାଦନ; (c)-ପ୍ରତିରୂପିକରଣ; (d)-ପ୍ରୋଟିନ୍

(2) (a)-ପ୍ରତିରୂପିକରଣ; (b)-ପ୍ରତିଲିପିକରଣ; (c)-ଟ୍ରାନସଡକସନ୍; (d)-ପ୍ରୋଟିନ୍

(3) (a)-ଅନୁବାଦନ; (b)-ପ୍ରତିରୂପିକରଣ; (c)-ପ୍ରତିଲିପିକରଣ; (d)-ଟ୍ରାନସଡକସନ୍

(4) (a)-ପ୍ରତିରୂପିକରଣ; (b)-ପ୍ରତିଲିପିକରଣ; (c)-ଅନୁବାଦନ; (d)-ପ୍ରୋଟିନ୍

collegedunia.com
India's largest Student Review Platform

**159.** ନିମ୍ନରେ ଦିଆଯାଇଥିବା କେଉଁ ଲକ୍ଷଣ ଅସରପା ବିଷୟରେ ଭୁଲ ଅଟେ ?

(1) ଉଭୟ ଲିଙ୍ଗରେ ଦଶମ ଉଦରୀୟ ଖଣ୍ଡ ଗୋଟିଏ ଯୋଡ଼ା ଆନାଲ୍‌ସିରି ଧାରଣ କରିଥାନ୍ତି ।

(2) ମଧ୍ୟ ଖାଦ୍ୟନଳୀ ଏବଂ ପଶ୍ଚ ଖାଦ୍ୟନଳୀର ସଂଯୋଗ ସ୍ଥାନରେ ଗ୍ୟାସ୍ଟ୍ରିକ୍ ସିକାର ଏକ ବୃତ୍ତ ଉପସ୍ଥିତ ଥାଏ ।

(3) ମୁଖ ଅଂଶମାନଙ୍କ ଦ୍ୱାରା ମୁଦିତ ହୋଇ ରହିଥିବା ଗହ୍ୱର ମଧ୍ୟରେ ହାଇପୋଫାରିଙ୍ଗସ୍ ରହିଥାଏ ।

(4) ମାଈମାନଙ୍କର ସପ୍ତମ – ନବମ ଷ୍ଟର୍ନା ଏକତ୍ର, ଜେନିଟାଲ୍ ପାଉଚ୍ ଗଠନ କରିଥାନ୍ତି ।

**160.** PCR ବ୍ୟବହାର କରି ଜିନ୍ ସମ୍ପ୍ରସାରଣ ପଦ୍ଧତି ସମୟରେ ଯଦି ପ୍ରାରମ୍ଭରେ ଅତ୍ୟଧିକ ତାପମାତ୍ରାର ସ୍ଥିତାବସ୍ଥା ରଖା ନଗଲା ତେବେ ନିମ୍ନରେ ଦିଆଯାଇଥିବା PCR ର ପର୍ଯ୍ୟାୟମାନଙ୍କ ମଧ୍ୟରୁ କେଉଁଟିର ପ୍ରଥମେ କ୍ଷତି ଘଟିବ ?

(1) ଲିଗେସନ୍

(2) ଆନେଲିଙ୍ଗ

(3) ଏକ୍ସଟେନ୍‌ସନ୍

(4) ଡିନାଚୁରେସନ୍

**161.** ସ୍ୱ ପ୍ରତିରକ୍ଷା ହାନିକାରକ ରୋଗ, ସ୍ନାୟବିକ ମାଂସପେଶୀୟ ସଂଯୋଗ ସ୍ଥଳକୁ କ୍ଷତି କରାଇ ମାଂସପେଶୀରେ ଅବସନ୍ନତା, ଦୁର୍ବଳତା ଏବଂ ଅଚଳ ଘଟାଏ, ତାକୁ କ'ଣ କୁହାଯାଏ ?

(1) ଗାଉଟ୍

(2) ଗଣ୍ଠିବାତ

(3) ମାଂସପେଶୀୟ ଦୁର୍ବଳତା

(4) ମାୟାସ୍ଥେନିଆ ଗ୍ରାଭିସ୍

**162.** କୋଟରିକାରେ ଅକ୍ସିହିମୋଗ୍ଲୋବିନ୍ ତିଆରି ହେବା ପାଇଁ ଅନୁକୂଳ ପରିସ୍ଥିତିଟିକୁ ବାଛ :

(1) Low $pO_2$, low $pCO_2$, more $H^+$, higher ତାପମାତ୍ରା

(2) High $pO_2$, low $pCO_2$, less $H^+$, lower ତାପମାତ୍ରା

(3) Low $pO_2$, high $pCO_2$, more $H^+$, higher ତାପମାତ୍ରା

(4) High $pO_2$, high $pCO_2$, less $H^+$, higher ତାପମାତ୍ରା

**163.** ନିମ୍ନରେ ଦିଆଯାଇଥିବା କେଉଁ ପ୍ରାଣୀ ପୋଲା ଏବଂ ଛିଦ୍ରଯୁକ୍ତ ଲମ୍ବା ଅସ୍ଥି ଧାରଣ କରିଥାଆନ୍ତି ?

(1) *ଅରିନ୍ଥୋରିଙ୍କସ୍*

(2) *ନିଓଫ୍ରୋନ୍*

(3) *ହେମିଡାକ୍ଟାଇଲସ୍*

(4) *ମାକ୍ରୋପସ୍*

**164.** ଇନ୍‌ସୁଲିନ୍ ବିଷୟରେ ଠିକ୍ ବିକଳ୍ପଟି ବାଛ :

(a) ପୂର୍ଣ୍ଣ ବିକଶିତ ଇନ୍‌ସୁଲିନ୍‌ରେ C-ପେପ୍‌ଟାଇଡ୍ ଉପସ୍ଥିତ ନଥାଏ ।

(b) rDNA ପଦ୍ଧତି ଦ୍ୱାରା ଉତ୍ପାଦିତ ହୋଇଥିବା ଇନ୍‌ସୁଲିନ୍‌ର C-ପେପ୍‌ଟାଇଡ୍ ଥାଏ ।

(c) ପ୍ରୋ ଇନ୍‌ସୁଲିନ୍‌ର C-ପେପ୍‌ଟାଇଡ୍ ଥାଏ ।

(d) ଇନ୍‌ସୁଲିନ୍‌ର A-ପେପ୍‌ଟାଇଡ୍ ଓ B-ପେପ୍‌ଟାଇଡ୍ ଡାଇସଲ୍‌ଫାଇଡ୍ ବନ୍ଧ ଦ୍ୱାରା ପରସ୍ପର ସହିତ ଯୋଡି ହୋଇଥାଆନ୍ତି ।

ନିମ୍ନରେ ଦିଆଯାଇଥିବା ବିକଳ୍ପମାନଙ୍କ ମଧ୍ୟରୁ ଠିକ୍ ଉତ୍ତରଟି ବାଛ :

(1) କେବଳ (a) ଏବଂ (d)

(2) କେବଳ (b) ଏବଂ (d)

(3) କେବଳ (b) ଏବଂ (c)

(4) କେବଳ (a), (c) ଏବଂ (d)

**165.** ଯଦି ଆଡେନିନ୍, DNA ଅଣୁର 30% ତିଆରି କରୁଛି, ତେବେ ଏଥିରେ ଥାୟାମିନ୍, ଗୁଆନିନ୍ ଏବଂ ସାଇଟୋସିନ୍‌ର ଶତକଡ଼ା ହାର କେତେ ହେବ ?

(1) T : 20 ; G : 25 ; C : 25

(2) T : 20 ; G : 30 ; C : 20

(3) T : 20 ; G : 20 ; C : 30

(4) T : 30 ; G : 20 ; C : 20

**166.** ଏଣ୍ଡୋମେମ୍ବ୍ରେନ ସଂସ୍ଥାନରେ ଯେଉଁ ଅରଗାନେଲ୍ ଗୁଡ଼ିକ ଅନ୍ତର୍ଭୁକ୍ତ ସେଗୁଡ଼ିକ ହେଲା :

(1) ଗଲ୍‌ଗି କମ୍ପ୍ଲେକ୍ସ, ଏଣ୍ଡୋପ୍ଲାଜ୍‌ମିକ୍ ରେଟିକୁଲମ୍, ମାଇଟୋକଣ୍ଡ୍ରିଆ ଏବଂ ଲାଇସୋଜୋମସ୍

(2) ଏଣ୍ଡୋପ୍ଲାଜ୍‌ମିକ୍ ରେଟିକୁଲମ୍, ମାଇଟୋକଣ୍ଡ୍ରିଆ, ରାଇବୋଜୋମସ୍ ଏବଂ ଲାଇସୋଜୋମସ୍

(3) ଏଣ୍ଡୋପ୍ଲାଜ୍‌ମିକ୍ ରେଟିକୁଲମ, ଗଲ୍‌ଗି କମ୍ପ୍ଲେକ୍ସ, ଲାଇସୋଜୋମସ୍ ଏବଂ ଭାକ୍ୟୁଲସ୍

(4) ଗଲ୍‌ଗି କମ୍ପ୍ଲେକ୍ସ, ମାଇଟୋକଣ୍ଡ୍ରିଆ, ରାଇବୋଜୋମ୍ ଏବଂ ଲାଇସୋଜୋମସ୍

**167.** ସ୍ଫିଙ୍କଟର ଅଫ୍ ଓଡି କେଉଁଠାରେ ଅବସ୍ଥିତ ?

(1) ଯେଜୁନମ୍ ଏବଂ ଗ୍ରହଣୀର ସଂଯୋଗ ସ୍ଥଳ

(2) ଇଲିଓ– ସିକାଲ ସଂଯୋଗ ସ୍ଥଳ

(3) ହେପାଟୋ–ପାନ୍‌କ୍ରିଆଟିକ୍ ନଳୀ ଏବଂ ଗ୍ରହଣୀୟ ସଂଯୋଗ ସ୍ଥଳରେ

(4) ଗ୍ୟାସ୍ଟ୍ରୋ – ଓସେପାଜିଆଲ୍ ସଂଯୋଗ ସ୍ଥଳ

**168.** ଶୁକ୍ରାଣୁ ବାନ୍ଧିବା ପାଇଁ ସ୍ତନ୍ୟପାୟୀଙ୍କ ଗ୍ରାହୀଗୁଡ଼ିକ (ରିସେପଟରସ୍) କେଉଁଠାରେ ଉପସ୍ଥିତ ଥାଏ ?

(1) ଜୋନା ପେଲୁସିଡା

(2) କରୋନା ରାଡିଆଟା

(3) ଭିଟେଲାଇନ୍ ଝିଲ୍ଲୀ

(4) ପେରିଭିଟେଲାଇନ୍ ସ୍ଥାନ

collegedunia
India's largest Student Review Platform

**178.** ସକସ୍ ଏଣ୍ଟେରିକସ୍‌କୁ କ'ଣ ବୋଲି ବିବେଚନା କରାଯାଏ ?

(1) ଚାଇମ୍

(2) ଅଗ୍ନ୍ୟାଶୟ ରସ

(3) କ୍ଷୁଦ୍ରାନ୍ତୀୟ ରସ (ଇଣ୍ଟେସ୍‌ଟିନାଲ୍ ଜୁସ୍)

(4) ଗ୍ୟାସ୍ଟ୍ରିକ୍ ରସ

**179.** ପ୍ରୋଟିନ୍ ସଂଶ୍ଳେଷଣରେ, ନିମ୍ନରେ ଦିଆଯାଇଥିବା କେଉଁ RNAs ଆବଶ୍ୟକ ହୁଅନ୍ତି ନାହିଁ ?

(1) siRNA

(2) mRNA

(3) tRNA

(4) rRNA

**180.** ନିମ୍ନରେ ଦିଆଯାଇଥିବା ମାନଙ୍କ ମଧ୍ୟରୁ କେଉଁଟି ଏକ ହରମୋନ୍ ନିର୍ଗତ କରୁଥିବା IUD ର ଉଦାହରଣ ?

(1) ମଲ୍‌ଟିଲୋଡ୍ 375

(2) CuT

(3) LNG 20

(4) Cu 7

**181.** କେଉଁ ସମୟରେ ସେଣ୍ଟ୍ରିଓଲ ଦ୍ୱିଗୁଣିତ ହେବା ପ୍ରକ୍ରିୟା ବେଗ ଗତି କରେ ?

(1) $G_2$ ଫେଜ୍

(2) S-ଫେଜ୍

(3) ଆଦ୍ୟାବସ୍ଥା

(4) ମଧ୍ୟାବସ୍ଥା

**182.** ଭୁଲ୍ ଯୋଡ଼ିକୁ ଚିହ୍ନଟ କର :

| | | |
|---|---|---|
| (1) ଡ୍ରଗସ୍ | - | ରିସିନ୍ |
| (2) ଆଲ୍‌କାଲଏଡଗୁଡ଼ିକ | - | କୋଡେଇନ୍ |
| (3) ଟକ୍ସିନ୍ | - | ଆବ୍ରିନ୍ |
| (4) ଲେକ୍‌ଟିନଗୁଡ଼ିକ | - | କୋନ୍‌କାନାଭାଲିନ୍ A |

**183.** କୋଟରିକା (ବିସରଣର ସ୍ଥଳ) ରେ ଅମ୍ଳଜାନ ($O_2$) ଏବଂ ଅଙ୍ଗାରକାମ୍ଳ ($CO_2$) ର ଆଂଶିକ ଚାପ (mm Hg ରେ) ହେଲା :

(1) $pO_2 = 159$ ଏବଂ $pCO_2 = 0.3$

(2) $pO_2 = 104$ ଏବଂ $pCO_2 = 40$

(3) $pO_2 = 40$ ଏବଂ $pCO_2 = 45$

(4) $pO_2 = 95$ ଏବଂ $pCO_2 = 40$

**184.** DNA ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କଟାଯିବା ପାଇଁ ଏଣ୍ଡୋନ୍ୟୁକ୍ଲିଏଜ୍ ଦ୍ୱାରା ଚିହ୍ନିତ ହୋଇଥିବା ଏକ ନିର୍ଦ୍ଦିଷ୍ଟ ଚିହ୍ନିବାର ଅନୁକ୍ରମ ହେଉଛି :

(1) ପଲି (A) ଟେଲ୍ ଅନୁକ୍ରମ

(2) ଡିଜେନେରେଟ୍ ପ୍ରାଇମର୍ ଅନୁକ୍ରମ

(3) ଓକାଜାକି ଅନୁକ୍ରମ

(4) ପାଲିନ୍‌ଡ୍ରୋମିକ୍ ନ୍ୟୁକ୍ଲିଓଟାଇଡ୍ ଅନୁକ୍ରମ

**185.** 'AB' ରକ୍ତବର୍ଗର ବ୍ୟକ୍ତିମାନଙ୍କୁ ସାର୍ବଜନୀନ ଗ୍ରହଣକାରୀ କୁହାଯାଏ, ଏହା କ'ଣ ପାଇଁ ହୋଇଥାଏ ?

(1) ପ୍ଲାଜମାରେ ପ୍ରତିପିଣ୍ଡ, ଆଣ୍ଟି–A ଏବଂ ଆଣ୍ଟି -B ର ଅନୁପସ୍ଥିତି

(2) ଲୋହିତ ରକ୍ତ କଣିକାର ପୃଷ୍ଠରେ ଆଣ୍ଟିଜେନ୍ A ଏବଂ B ର ଅନୁପସ୍ଥିତି

(3) ପ୍ଲାଜମାରେ ଆଣ୍ଟିଜେନ୍ A ଏବଂ B ର ଅନୁପସ୍ଥିତି ।

(4) ଲୋହିତ ରକ୍ତ କଣିକା ଉପରେ ପ୍ରତିପିଣ୍ଡ, ଆଣ୍ଟି-A ଏବଂ ଆଣ୍ଟି -B ର ଉପସ୍ଥିତି

## ବିଭାଗ - B (ଜୀବ ବିଜ୍ଞାନ : ପ୍ରାଣୀ ବିଜ୍ଞାନ)

**186.** **ଉକ୍ତି - I :**

'AUG' କୋଡନ୍ ମିଥିଓନିନ୍ ଓ ଫିନାଇଲ୍ ଆଲାନିନ୍ ପାଇଁ କୋଡ୍ କରନ୍ତି ।

**ଉକ୍ତି - II :**

ଏମିନୋ ଏସିଡ୍ ଲାଇସିନ୍ ପାଇଁ ଉଭୟ 'AAA' ଏବଂ 'AAG' କୋଡନ୍, କୋଡ୍ କରନ୍ତି ।

ଉପରୋକ୍ତ ଉକ୍ତି ଅନୁସାରେ ନିମ୍ନ ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛ :

(1) ଉକ୍ତି I ଭୁଲ୍ କିନ୍ତୁ ଉକ୍ତି II ଠିକ୍ ।

(2) ଉଭୟ ଉକ୍ତି I ଓ ଉକ୍ତି II ସତ୍ୟ ।

(3) ଉଭୟ ଉକ୍ତି I ଓ ଉକ୍ତି II ମିଥ୍ୟା ।

(4) ଉକ୍ତି I ଠିକ୍ କିନ୍ତୁ ଉକ୍ତି II ଭୁଲ୍ ।

**187.** ନିମ୍ନୋକ୍ତ କେଉଁ ଘଟଣାଟି ମାଂସପେଶୀୟ ସଂକୋଚନ ସମୟରେ ଘଟିଥାଏ ?

(a) 'H' ଜୋନ୍‌ଟି ଅଦୃଶ୍ୟ ହୋଇଯାଏ

(b) 'A' ବ୍ୟାଣ୍ଡର ଓସାର ବୃଦ୍ଧି ପାଇଥାଏ

(c) 'I' ବ୍ୟାଣ୍ଡ ଓସାରରେ ହ୍ରାସ ଘଟିଥାଏ

(d) ମାୟୋସିନ୍ ATP ର ଜଳ ବିଶ୍ଳେଷଣ କରାଇ ADP ଏବଂ Pi ନିର୍ଗତ କରାଏ ।

(e) ଆକ୍‌ଟିନ୍‌କୁ ସଂଯୋଜିତ ହୋଇଥିବା Z-ଲାଇନ୍ ଭିତର ଆଡ଼କୁ ଟାଣି ହୋଇଯାଆନ୍ତି ।

ନିମ୍ନରେ ଦିଆଯାଇଥିବା ବିକଳ୍ପମାନଙ୍କ ମଧ୍ୟରୁ ଠିକ୍ ଉତ୍ତରଟି ବାଛ :

(1) (b), (d), (e), (a) କେବଳ

(2) (a), (c), (d), (e) କେବଳ

(3) (a), (b), (c), (d) କେବଳ

(4) (b), (c), (d), (e) କେବଳ

collegedunia.com
India's largest Student Review Platform

